# Akashvani, Sambalpur

## SAMBALPURI NEWS EVENING BULLETIN

## 18 June 2025- 7.02 pm- 7.12 pm.

*********************************************

୧- କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ଜନଜାତିମାନ୍‌କର୍ କଲ୍ୟାଣ୍ ଲାଗି ପ୍ରତିବଦ୍ଧ - କହେଲେ ମୁଖ୍ୟମନ୍ତ୍ରୀ ।

- ବାରିପଦା ନ ଆଦିବାସୀ ଶକ୍ତି ସମାବେଶ୍‌କେ କଲେ ଉଦ୍‌ଘାଟନ୍ ।

୨- ରାଏଜେ ଝାଡ଼ାବାନ୍ତି ଥିତି ନେଇକରି କେନ୍ଦ୍ରୀୟ ଦଲର୍ ସମୀକ୍ଷା ।

- ସଚେତନତା ବଢ଼ାବାର୍ ସହେତେ ସ୍ୱଚ୍ଛତା ଉପ୍‌ରେ ଦେଲେ ଜୋର୍ ।

୩- ଦେଶେ ଅଗଷ୍ଟ ୧୫ ତାରିଖ୍‌ନୁ ଫାଷ୍ଟଟେଗ୍ ଆଧାରିତ୍ ବାର୍ଷିକ ପାସ୍ ପ୍ରଚଲନ୍ କର୍‌ବେ କେନ୍ଦ୍ର ସର୍‌କାର୍ ।

ଆଉର୍

୪- ରାଏଜେ ମୁଲ୍ ହେଲା ଲୁକିଯାଉଥିବା ଖାଦ୍ୟ ଶସ୍ୟର୍ ପୁନରୁଦ୍ଧାର୍ ଆର୍ ସ୍ଥାୟୀତ୍ୱ ଯୋଜ୍‌ନା ।

## ମୁଖ୍ୟମନ୍ତ୍ରୀ-ଆଦିବାସୀ ଶକ୍ତି ସମାବେଶ I&PR

ଆଦିବାସୀ ସଂପ୍ରଦାୟର୍ ଲୁକ୍‌କୁ ଜଙ୍ଗଲ୍, ଜମି ଆଉ ଜୀବିକା ଯୁଗେଇ ଦେବାର୍ ସଙ୍ଗେ ମୁଖ୍ୟ ଧାରାଥି ସାମିଲ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଅହରହ ଚେରେଷ୍ଟା ଜାରି ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ମୟୁର୍‌ଭଞ୍ଜ୍ ଜିଲ୍ଲା ବାରିପଦା ଛଉ ପଡ଼ିଆ ଠାନେ ଆଦିବାସୀ ଶକ୍ତି ସମାବେଶ୍‌କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ, ୪୦ ପ୍ରତିଶତ୍ ଜନଜାତି ଲୁକ୍‌କର୍ ବିକାଶ୍ ହେଲେ ରାଜ୍ୟର୍ ସାମୂହିକ୍ ବିକାଶ୍ ହେଇପାର୍‌ବା । ରାଏଜେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ଅଧୀନ୍‌ଥି ଜନଜାତି ସମ୍ପ୍ରଦାୟର୍ ବିକାଶ୍‌କେ ତହଁକାଯାଉଛେ । ଆଦିବାସୀ ସମ୍ପ୍ରଦାୟର୍ ସବୁ ସମସ୍ୟାର୍ ସମାଧାନ୍ କର୍‌ବାର୍ ଆଉ ଆବଶ୍ୟକତାକେ ସୁନିର୍ଶ୍ଚିତ୍ କର୍‌ବାର୍ ଲାଗି ଆଏଜ୍ ଇ ସମାବେଶ୍ ଆୟୋଜନ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

## କେନ୍ଦ୍ରୀୟ ଦଲ୍-ଝାଡ଼ାବାନ୍ତି ସମୀକ୍ଷା ହି.ସ.

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଚାପିଥିବା ଝାଡ଼ାବାନ୍ତି ଆଏତ୍ ଲାଗି ନୂଆଦିଲ୍ଲୀନୁ ଆସିଥିବା କେନ୍ଦ୍ରୀୟ ଦଲ୍ ସଙ୍ଗେ ରାଜ୍ୟ

ସ୍ୱାସ୍ଥ୍ୟ ବିଭାଗ୍ ସଚିବ ଅଶ୍ୱତି ଏସ୍. ସମୀକ୍ଷା ବୈଠକ୍ କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ବୈଠକ୍‌ଥି କେନ୍ଦ୍ରୀୟ ଦଲ୍ ଝାଡ଼ାବାନ୍ତି ଇଲାକାର୍ ଥିତି ଅନୁଧ୍ୟାନ୍ କରିଛନ୍ । ଡାଇରିଆ ପ୍ରଭାବିତ୍ ଜିଲ୍ଲା ମାନ୍‌କେ ସତର୍କତା ପଦକ୍ଷେପ୍ ନେବାର୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ଇ ଅବ୍‌ସରେ କୁହାଯାଇଛେ । ଖାସ୍ କରି ଦୂଷିତ ପାଏନ୍ ନୁ ଝାଡ଼ାବାନ୍ତି ଚାପିଥିବାର୍ ବାବ୍‌ଦେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କେନ୍ଦ୍ରୀୟ ଟିମ୍‌ଙ୍କୁ ସୂଚ୍‌ନା ଦିଆଯାଇଛେ । ଝାଡ଼ାବାନ୍ତି ପ୍ରଭାବିତ୍ ଇଲାକାର୍ ସ୍କୁଲ୍‌ମାନ୍‌କେ ମଧ୍ୟାହ୍ନ ଭୋଜନ୍ ତିଆର୍ କର୍‌ବାର୍ ଲାଗି ମାର୍ଗଦର୍ଶିକା ଆନ୍‌ବାର୍‌କେ ଆଲୋଚନା ହେଇଛେ ।

ଯୋଗ ଦିବସ୍        ପି.ଆଇ.ବି./ ହି.ସ.

ଆଏବା ୨୧ ତାରିଖ୍ 'ଏକ ପୁର୍‌ଥି- ଏକ୍ ସ୍ୱାସ୍ଥ୍ୟ' ବାର୍ତା ନେଇକରି ପାଲନ୍ ହେବାର୍‌କେ ଯାଉଛେ ୧୧ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ । ଆନ୍ଧ୍ରପ୍ରଦେଶର୍ ବିଶାଖାପାଟ୍‌ନା ଠାନେ ହେବାର୍‌କେ ଥିବା ଜାତୀୟ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ୫ ଲାଖ୍ ଲୋକ୍ ଏକାସାଙ୍ଗେ ଯୋଗାଭ୍ୟାସ୍ କରିକରି ବିଶ୍ୱ ରେକର୍ଡ୍ କର୍‌ବାର୍‌କେ ଯାଉଛନ୍ ।

ଇଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଜୋର୍‌ଦାର୍ ତୟାରି ଚାଲିଛେ ।

ସେଆଡ଼େ ଯୋଗ ସଂଗମ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ଗଲାକାଏଲ୍‌ତକ୍ ୪ ଲାଖ୍ ନୁ ଅଏତ୍‌କା ସଂସ୍ଥା ଆଉ କେନ୍ଦ୍ର ପଞ୍ଜିକୃତ୍ ହେଇସାରିଛନ୍ । ରାଜସ୍ଥାନ୍‌ନୁ ଏକ୍‌ଲା ଲାଖେ ନୁ ଅଏତ୍‌କା ଯୋଗାଭ୍ୟାସ୍ କେନ୍ଦ୍ର ପଞ୍ଜିକୃତ ହେଇଥିବାର୍ ଜନାପଡ଼ିଛେ ।

ପ୍ରଧାନ୍‌ମନ୍ତ୍ରୀ-ସୁରକ୍ଷା ହି.ସ./I&PR

ଆଏବା ୨୦ ତାରିଖ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଓଡ଼ିଶା ଗସ୍ତ ସମିଆଥି ଶହେ ୩୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ରହେବେ ବଲି ପୁଲିସ୍ କମିଶନର୍ ସୁରେଶ୍ ଦେବଦତ ସିଂ ସୂଚ୍‌ନା ଦେଇଛନ୍ । ଇ ବାବ୍‌ଦେ କମିଶନର୍ ପୁଲିସ୍‌ର ପ୍ରସ୍ତୁତି ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସୁରକ୍ଷା ବ୍ୟବସ୍ଥାଥି ୫୯ ଝନ୍ ଡିସିପି ରେଙ୍କ୍‌ର ଅଧିକାରୀ, ୩୩ ଝନ୍ ଅତିରିକ୍ତ ଡିସିପି, ୯୩ ଝନ୍ ଡିଏସ୍‌ପି, ଶହେ ୬ ଝନ୍ ଇନ୍ସପେକ୍ଟର୍ ଆର୍ ୪ ଶହ ୫୦ ଝନ୍ ଅଲ୍‌ଗା ପୁଲିସ୍ କର୍ମଚାରୀ ନିୟୋଜିତ୍ ରହେବେ ବଲି ନିଷ୍ପତି ନିଆଯାଇଛେ । ପୁଲିସ୍ କମିଶନର୍ ଶ୍ରୀ ସିଂଙ୍କର୍ ସୂଚ୍‌ନା ଅନ୍‌ସାରେ, ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍‌ନୁ ଏଜି ଛକ୍, ଏଜି ଛକ୍‌ନୁ ରାଜ୍‌ଭବନ୍, ରାଜ୍‌ଭବନ୍ ଗୋଲେଇନୁ ଜୟଦେବ୍ ବିହାର୍

ଆଉ ଜୟଦେବ୍ ବିହାର୍ ଛକ୍‌ନୁ ଜନତା ମଇଦାନ୍ ତକ୍ ପ୍ରଧାନ୍‌ମନ୍ତ୍ରୀଙ୍କର୍ ରୁଟ୍ ଲାଇନ୍ ରହେବା । ଛାତ୍ ଉପ୍‌ରେ ସୁରକ୍ଷା ବ୍ୟବସ୍ଥା ସହେତେ ସାଧା ପୋଷାକ୍‌ଥି ଭିଲ୍ ପୁଲିସ୍ ଅଧିକାରୀମାନେ ନିୟୋଜିତ୍ ରହେବେ । ସେଂଟ୍ରାଲ୍ ଏଜେନ୍ସି ସଙ୍ଗେ କମିଶନରେଟ୍ ପୁଲିସ୍ ମିଶିକରି ସୁରକ୍ଷା ବ୍ୟବସ୍ଥା ଯାଂଚ୍ କରୁଛନ୍ ବଲି ଶ୍ରୀ ସିଂ କହିଛନ୍ ।

ସେଆଡ଼େ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତର୍ ଲାଗି ଆଏବା  ଶୁକ୍ରବାର୍ ଭୁବ୍‌ନେଶ୍ୱର୍ ଆଉ କଟକ୍ ମହାନଗର୍ ନିଗମ୍ ଇଲାକା ନ ଥିବା ସବୁ ବିଦ୍ୟାଳୟ ବନ୍ଦ୍ ରହେବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଫାଷ୍ଟଟେଗ୍ ବାର୍ଷିକ୍ ପାସ୍        ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍ ଦେଶେ ଅଗଷ୍ଟ ୧୫ ତାରିଖ୍‌ନୁ ୩ ହଜାର୍ ଟଙ୍କିଆ ଫାଷ୍ଟଟେଗ୍ ଆଧାରିତ୍ ବାର୍ଷିକ୍ ପାସ୍ ବ୍ୟବସ୍ଥା ମୁଲ୍ କର୍‌ବେ ବଲି ରାଜପଥ ଆଉ ସଡ଼କ୍ ପରିବହନ୍ ମନ୍ତ୍ରୀ ନିତିନ୍ ଗଡ଼୍‌କରୀ କହିଛନ୍ । ସେ କହିଛନ୍, ଇ ଫାଷ୍ଟଟେଗ୍ ପାସ୍ ଦେଶର୍ ଜାତୀୟ ରାଜ୍‌ପଥ୍ ମାନ୍‌କେ ଯାତ୍ରୀମାନ୍‌କୁ ସୁବିଧା ଆଉ କମ୍ ଖର୍ଚ୍ଚାଥି ଯାତାୟତ୍ କର୍‌ବାର୍ ସୁବିଧା ଦେବା । ଇ ବାର୍ଷିକ୍ ପାସ୍ ବଛ୍‌ରେ ତକ୍ କି ନାହେଲେ ଗୁଟେ ବଛର୍

ଭିତ୍‌ରେ ସବୁନୁ ଜହ ୨ ଶହ ଥର୍ ଯାତ୍ରା କର୍‌ବାର୍ ଲାଗି ସୁବିଧା ଦେବା । ଇଟା କାର୍, ଜିପ୍ ଆର୍ ଭେନ୍ ବାଗିର୍ ଅଣ-ବ୍ୟବସାୟିକ ଘରୋଇ ଗାଡ଼ିମାନ୍‌କର୍ ଲାଗି ଲାଗୁ ହେବା ବଲି ବଲି ଶ୍ରୀ ଗଡ଼୍‌କରୀ କହିଛନ୍ ।

ଶ୍ରୀମନ୍ଦିର୍- ରିପୋର୍ଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନକର୍ ଜର୍ ଠିକ୍ କର୍‌ବାର୍ ଲାଗି ଦଇତାପତି ଆଉ ପତି ମହାପାତ୍ର ସେବକମାନେ ଗୁପ୍ତ ସେବାଥି ଲାଗିଛନ୍ । ଦଇତାପତି ଆଉ ପତିସେବକମାନଙ୍କର ସେବା ଲାଗି ଚତୁର୍ଦ୍ଧାମୁର୍ତି ଧୀରେ ଧୀରେ ସୁସ୍ଥ ହେଉଛନ୍ ।

ମାହାପୁରୁମାନଙ୍କର୍ ଇଆଡ଼େ ଉପଚାର୍ ଚାଲିଥିଲା ବେଲ୍‌କେ ବ୍ରହ୍ମଗିରି ଅଲାରନାଥ ପୀଠନ ଦାରୁବ୍ରହ୍ମ ଭକ୍ତମାନଙ୍କୁ ଦର୍ଶନ୍ ଦେସନ୍ ବଲି ପୁରାଣ ଥି ବର୍ଣ୍ଣନା କରାଯାଇଛେ । ଇ ବାବ୍‌ଦେ ଆକାଶବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ପ୍ରସ୍ତୁତ ରିପୋର୍ଟ...

(ଭଏସ୍ ଓଭର୍-------)

*ଦାରୁବ୍ରହ୍ମ ଜରେ ପଡ଼୍‌ବାର୍ ଉତ୍‌ରୁ ଅଣସର ଦେବୀ ନ ୧୩ ଦିନ ଲାଗି ବିଜେ କରିଛନ୍ । ପୁରାଣ୍ ଶାସ୍ତ୍ର ଅନ୍‌ସାରେ ଶ୍ରୀକ୍ଷେତ୍ର ଧାମ୍‌ର ପଶ୍ଚିମ ଦିଗେ ଯେନ୍ ପବିତ୍ର ଧାମ୍ ରହିଛେ, ସେଟା*

*ବ୍ରହ୍ମଗିରି ନାଁଥି ଜନାଶୁନା । ଭକ୍ତମାନେ ମାହାପୁରୁମାନ୍‌କର୍ ଦର୍ଶନ୍ ଲାଗି ବ୍ୟାକୁଲ୍ ହେବାର୍‌ନୁ ନିଜେ ଚତୁର୍ଦ୍ଧାମୂର୍ତି ବ୍ରହ୍ମନାରାୟଣ୍ ଭାବେ ନିଳଗିରିନୁ ଆସିକରି ବ୍ରହ୍ମଗିରି ଧାମେ ଅଲାର୍‌ନାଥ୍ ରୂପେ ଦର୍ଶନ୍ ଦେସନ୍ । ଶ୍ରୀମନ୍ଦିର୍‌ର ଭୋଗ ନୀତି ଉତ୍‌ରୁ ଶ୍ରୀ ଅଲାର୍‌ନାଥ୍‌ଙ୍କର୍ ପୀଠ ନ ଭିଲ୍ ଅନ୍ନ ଖିଚିଡ଼ି, ଦାଏଲ୍ ଆର୍ ଭିନ୍ ଭିନ୍ ବ୍ୟଞ୍ଜନ୍ ସାଙ୍ଗେ ଖିରି ଭୋଗ୍ ଲଗାଯାଏସି । ଖିରି ଭୋଗ ଶ୍ରୀ ଅଲାର୍‌ନାଥ୍‌ଙ୍କର୍ ସବୁନୁ ବେଶୀ ପସନ୍ଦ୍ । ଇ ସମିଆଥି ଫିଂ’ ଦିନ ରୋଷେଇ ଘରେ ୫୦ ହାଁଡ଼ି ଖିରି ତିଆର୍ କରାଯାଏସି । ଶ୍ରୀମନ୍ଦିର୍ ବାଗିର୍ ଶ୍ରୀ ଅଲାର୍‌ନାଥ୍‌ଙ୍କର୍ ପୀଠ ନ ଭିଲ୍ ଫିଂ’ ଦିନ ଆଲ୍‌ତୀ, ଅବକାଶ, ବଲ୍ଲଭ, ଚନ୍ଦନ ଲାଗି, ବଡ଼ସିଂହାର ବେଶ, ଅନ୍ନଭୋଗ, ପହଡ଼ି ବାଗିର୍ ନୀତି କରାଯାଏସି ।*

*ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍‌ନୁ ମୁଇଁ.....*

ବିଲୁପ୍ତ ଶସ୍ୟ-ପୁନରୁଦ୍ଧାର୍ ଯୋଜ୍‌ନା I&PR

ରାଜ୍ୟ କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ‘ଓଡ଼ିଶାରେ ବିସ୍ମୃତ ଖାଦ୍ୟ- ବିଲୁପ୍ତ ପ୍ରାୟ ଶସ୍ୟର ପୁନରୁଦ୍ଧାର୍ ଏବଂ ଏହାର ସ୍ଥାୟିତ୍ୱ’ ଯୋଜ୍‌ନା ମୁଲ୍ କରାଯାଇଛେ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ମାର୍ଗଦର୍ଶନ୍‌ଥି ତିଆର୍ ହେଇଥିବା ଇ

ଯୋଜ୍‌ନାକେ ଆଏଜ୍ ରାଜ୍ୟ ସର୍‌କାର୍ ଅନୁମୋଦନ୍ କରିଛନ୍ । ଲୁକି ଯାଉଥିବାର୍ ଖାଦ୍ୟ ଶସ୍ୟର୍ ଆନୁବଂଶିକ୍ ସଂଗ୍ରହ ଆଉ ମୂଲ୍ୟାୟନ, ଖାଦ୍ୟ ସଂସ୍କୃତି ସମ୍ବନ୍ଧିତ୍ ତଥ୍ୟ ପ୍ରସ୍ତୁତ୍ ରାଜ୍ୟ ସମ୍ବଳ କେନ୍ଦ୍ର ମାନ୍‌କେ ଗୋଷ୍ଠୀ ପରିଚାଲିତ୍ ବିହନ୍ ବେଙ୍କ୍, ଲୁକିଯାଉଥିବା ଶସ୍ୟ ମାନ୍‌କର୍ ଚାଷ୍‌କେ ତହଁକାବାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍, ଲୁକି ଯାଉଥିବା ଖାଦ୍ୟ ଶସ୍ୟର୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଗବେଷଣା କର୍‌ବାର୍ ଇ ଯୋଜ୍‌ନାର୍ ମୁଖ୍ୟ ଉଦ୍ଦେଶ୍ୟ ଆଏ । ଯୋଜ୍‌ନାକେ ଆଏବା ୫ ବଛର୍ ଭିତ୍‌ରେ ୧୫ ଟା ଜିଲ୍ଲାର୍ ୨୫ ଟା ବ୍ଲକ୍ ନ କାର୍ଯ୍ୟକାରୀ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

କେନ୍ଦ୍ର ସାହିତ୍ୟ ଏକାଡେମୀ ମନୋନୟନ ଏକ୍ସ

୨୦୨୫ ବଛର୍ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର୍ ଆଉ ଯୁବ ପୁରସ୍କାର ଘୋଷଣା କରାଯାଇଛେ । ବାଲ୍ ସାହିତ୍ୟ ପୁରସ୍କାର ଲାଗି ରାଜକିଶୋର ପାଢ଼ୀଙ୍କର୍ 'କେତେ ଫୁଲ ଫୁଟିଛି' ଆଉ ଯୁବ ପୁରସ୍କାର୍ ଲାଗି ସୁବ୍ରତ କୁମାର ସେନାପତିଙ୍କର 'କଦମ୍ବ ବନ' ବହି ମନୋନୀତ

ହେଇଛ । ଇ ବାବ୍‌ଦେ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫ୍‌ରୁ ସୂଚ୍‌ନା ଦିଆଯାଇଛେ ।

ସ୍ୱାସ୍ଥ୍ୟମନ୍ତ୍ରୀ- ପଦ୍ମପୁର ଡାକ୍ତରଖାନା ସମୀକ୍ଷା ହି.ସ.

ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଏଜ୍ ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ୍ କରି କରି ସମୀକ୍ଷା ବୈଠକ୍ କରିଛନ୍ । ଇ ଅବ୍‌ସରେ ଡାକ୍ତରଖାନାର୍ ଆନୁଷଙ୍ଗିକ ବ୍ୟବସ୍ଥା ଆଉ ଭିତିଭୂମିର୍ ତଦାରଖ୍ କର୍‌ବାର୍ ସହେତେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ବାବ୍‌ଦେ ପଚ୍‌ରେଇଥିଲେ ।

ଆଇଆଇଏମ୍‌ସି ଏକ୍ସ

ଭାରତୀୟ ଜନସଂଚାର ସଂସ୍ଥାନ-ଆଇଆଇଏମ୍‌ସି ଢେଙ୍କାନାଲ୍ ଶାଖା ନ ୨୦୨୫-୨୬ ଶିକ୍ଷା ବଛର୍ ଲାଗି ଓଡ଼ିଆ ସାମ୍ବାଦିକତାଥି ସ୍ନାତକୋତର୍ ଡିପ୍ଲୋମା ପାଠ୍ୟକ୍ରମ୍‌ଥି ଖାଲି ପଡ଼ିଥିବା ଆସନ୍ ଲାଗି ସ୍ପଟ୍ ଆଡ୍‌ମିଶନ୍ କରାଯିବା । ଆଇଆଇଏମ୍‌ସି କେମ୍ପସ୍‌ଠାନେ ଆଏବାକାଏଲ୍ ଦିନର୍ ୧୧ ବଜେ ସିଧାସଲଖ୍ ନାଁ ଲେଖା ପ୍ରକ୍ରିୟା ହେବା ।

ବନ୍ୟା ମୁକାବିଲା ପ୍ରସ୍ତୁତି ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ଜିଲ୍ଲାସ୍ତରୀୟ ବନ୍ୟା ମୁକାବିଲା ଲାଗି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲା ଜରୁରୀକାଳୀନ ଶାଖା ତର୍‌ଫୁ ହେଇଥିବା ବୈଠକ୍‌ଥି ବନ୍ୟା ପରିସ୍ଥିତିର୍ ଉଚିତ୍ ମୁକାବିଲା କର୍‌ବାର୍ ଲାଗି ଭିନ୍ ଭିନ୍ ବିଭାଗ୍‌ର ତୟାରି ଆଉ କାର୍ଯ୍ୟକ୍ରମ୍ ଉପ୍‌ରେ ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଲ୍ ରାଜେନ୍ଦ୍ର ମାଝୀ ବିଭାଗ୍ ମାନ୍‌କର୍ ତର୍‌ଫୁ ପ୍ରସ୍ତୁତ୍ କାର୍ଯ୍ୟକ୍ରମ୍ ମାନ୍‌କର୍ ସମୀକ୍ଷା କରିଥିଲେ । ଜିଲ୍ଲାର୍ ବନ୍ୟା ଆଶ୍ରୟସ୍ଥଳୀମାନ୍‌କେ ଠିକ୍ ସମିଆଥି ଜରୁରୀ ଦରବ୍ ମହଜୁଦ୍ ରଖିବାର୍ ସଙ୍ଗେ ବନ୍ୟା ବାବଦ୍ ସତର୍କ ସୂଚ୍‌ନା ଲୁକ୍‌କୁ ଆଗ୍‌ତୁରା ଦେବାର୍‌କେ ଅତିରିକ୍ତ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି କର୍ମଶାଳା/କଳାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ଠାନେ ବିପର୍ଯ୍ୟୟ ପରିଚାଲନା ପ୍ରସ୍ତୁତି ବାବ୍ଦେ ଗୁଟେ କର୍ମଶାଳା ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍ୱାନ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କର୍ମଶାଳାଥି ରାଜ୍ୟସ୍ତର୍‌ନୁ ପର୍ଯ୍ୟବେକ୍ଷକ୍‌ମାନେ ଆସିକରି ବିପର୍ଯ୍ୟୟ ପରିଚାଲନା ଉପ୍‌ରେ ଓସ୍‌ଡମାର୍ ଭୂମିକା ବାବ୍ଦେ ବୁଝେଇଥିଲେ । ଜିଲ୍ଲା ନ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ଆଉ ପରିଚାଲନା ଲାଗି ସବୁ ବିଭାଗ୍‌ର ଅଧିକାରୀ ଆଉ କ୍ଷେତ୍ର କର୍ମଚାରୀମାନେ ତାଲ୍‌ମେଲ୍ ରଖିକରି ସତର୍କ ଆଉ ତୟାର୍ ରହେବାର୍‌କେ ଅଧିକାରୀମାନେ ପରାମର୍ଶ ଦେଇଛନ୍ ।

ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ଠାନେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବନ୍ୟା ବାତ୍ୟା ବାଗିର୍ ପ୍ରାକୃତିକ ବିପର୍ଯ୍ୟୟ ସମିଆଥି ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ଲୁକ୍‌କର୍ ଧନ୍‌ଜୀବନ୍ ସୁରକ୍ଷା କର୍‌ବାର୍‌କେ ତହସିଲ୍‌ଦାର୍ ଆଉ ମୁଖ୍ୟ କାର୍ଯ୍ୟନିର୍ବାହୀ

ଅଧିକାରୀ- ଭିନ୍ ଭିନ୍ ବିଭାଗ୍ର ଅଧିକାରୀ ଆଉ କର୍ମଚାରୀମାନ୍କୁ ପରାମର୍ଶ ଦେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଦେଶର୍ ପଶ୍ଚିମ ଭାଗେ ଗୁଜୁରାଟ୍ ଆର୍ ପୂର୍ବ ଭାଗେ ଦକ୍ଷିଣ ପଶ୍ଚିମ ବାଂଲାଦେଶ୍ ପାଖର୍ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପତ୍ୟାକା ନ ୨ ଟା ଲଘୁଚାପ୍ ବନିଛେ । ଗାଙ୍ଗେୟ ଉପତ୍ୟକାର୍ ଲଘୁଚାପ୍ ଲାଗି ଓଡ଼ିଶାର୍ ସବୁ ଜିଲ୍ଲା ନ ଆଏଜ୍ ବର୍ଷା ଲାଗି ରହିଛେ । ଆଏବା ଶୁକ୍ରବାର୍ ଦିନ୍ତକ୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ଦେବ୍ଗଡ଼୍ ସହେତେ ରାଜ୍ୟର୍ ୮ ଟା ଜିଲ୍ଲା ନ ଅପର୍ବଲ୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।